# Akashvani, Sambalpur

## SAMBALPURI NEWS BULLETIN

### 10 October 2025 – 6.47- 6.52 am.

**********************************************

ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ I&PR

ପରିବେଶ୍ ପର୍ଯ୍ୟଟନ୍, ମୁନୁଷ୍-ଜଙ୍ଗଲିଜନ୍ତୁର୍ ଲଢ଼େଇ କମ୍ କର୍ବାର୍ ସଙ୍ଗେ ବନ୍ୟପ୍ରାଣୀଙ୍କର୍ ସୁରକ୍ଷାର୍ ପ୍ରଯୁକ୍ତି ବିଦ୍ୟାର୍ ବେଭାର୍ ଓଡ଼ିଶା ବନ ବିଭାଗ୍‌ର ବନ୍ୟପ୍ରାଣୀ ସଂରକ୍ଷଣ୍ ବ୍ୟବସ୍ଥାକେ ବର୍‌କସ୍ କରିଛେ ବଲି ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ-୨୦୨୫ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଭୁବନେଶ୍ୱର୍ ଲୋକସେବା ଭବନ୍ ଠାନେ ଗଲାକାଏଲ୍ ହେଇଥିବା ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତ୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇକରି ଓଡ଼ିଶାର୍ ଜୈବ ବିବିଧତାର୍ ସୁରକ୍ଷାର୍ ଲାଗି ଜଙ୍ଗଲ୍ ବିଭାଗ୍‌ର ପ୍ରତିବଦ୍ଧତାକେ ପ୍ରଶଂସା କରିଥିଲେ ।

ପଣସ୍ ଚାଷ I&PR

ଓଡ଼ିଶାର୍ ପଣସ୍ ର ବ୍ରାଣ୍ଡ୍ ବିକଶିତ୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ ସିଂହଦେଓ -ମହାରାଷ୍ଟ୍ରର୍ ଜେକ୍‌ଫ୍ରୁଟ୍ କିଙ୍ଗ୍ ଆଗ୍ରୋ ପ୍ରଡ୍ୟୁସର୍ କମ୍ପାନୀ ଅଧ୍ୟକ୍ଷଙ୍କୁ ଭେଟିକରି ଇ ବାବ୍‌ଦେ ଆଲୋଚନା କରିଛନ୍ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ପଣସ୍ ମିଶନ୍ ଅଧୀନ୍‌ଥି ବର୍‌ଗଡ଼୍ ଜିଲ୍ଲା ପଦମ୍‌ପୁର୍ ଉପଖଣ୍ଡ ଆଉ ବଲାଙ୍ଗିର୍ ଜିଲ୍ଲା ଉପଖଣ୍ଡକେ ସାମିଲ୍ କରାଯିବା । ପଣସ କ୍ଲଷ୍ଟର୍‌କେ ସର୍‌କାରୀ-ଘରୋଇ ଅଂଶୀଦାର୍ ଆଧାର୍‌ଥି ବିକଶିତ୍ କରାଯିବା । ଇତାର୍‌ସହେତେ ସୁନ୍ଦର୍‌ଗଡ଼୍, କନ୍ଧମାଲ୍, କେନ୍ଦୁଝର, କୋରାପୁଟ୍, ଅନୁଗୁଲ୍, ଢେଙ୍କାନାଲ୍, ଗଜପତି, ମୟୁର୍‌ଭଞ୍ଜ୍, ରାୟଗଡ଼ା ଜିଲ୍ଲା ନ ପଣସ୍ ପ୍ରକ୍ରିୟାକରଣ୍ ବ୍ୟବସ୍ଥା ବିକଶିତ୍ କରାଯିବା । ପଣସ୍‌ର ବ୍ୟବସାୟିକ ଇକୋ ସିଷ୍ଟମ୍‌କେ ବୁଝ୍‌ବାର୍ ଲାଗି ମହାରାଷ୍ଟ୍ରର୍ ରତ୍ନଗିରି ଇଲାକାନୁ ଚାଷୀ ଆଉ ବିଶେଷଜ୍ଞମାନ୍‌କୁ ଓଡ଼ିଶା ପରିଦର୍ଶନ୍ କର୍‌ବାର୍ ବ୍ୟବସ୍ଥା ଭିଲ୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

କମ୍ପ୍ରେସ୍‌ଡ୍ ବାୟୋଗେସ୍ ପ୍ଲାଂଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ସମ୍ବଲପୁର୍ ନ ଅଏଲ୍ ଇଣ୍ଡିଆ ସହଯୋଗ୍‌ଥି ତିଆର୍ ହେବାର୍‌କେ ଥିବା କମ୍ପ୍ରେସ୍‌ଡ୍

ବାୟୋଗେସ୍ ପ୍ଲାଂଟ୍ ପ୍ରକଳ୍ପର୍ ନୂଆଦିଲ୍ଲୀ ନୁ ଆଭାସୀ ଜରିଏ ସମୀକ୍ଷା କରିଛନ୍ । ସମ୍ବଲ୍‌ପୁର୍ ସହରର୍ କଚ୍‌ରା ପରିଚାଳନା ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଆଉ ସ୍ୱଚ୍ଛ ଶକ୍ତି ଉତ୍ପାଦନ୍ ଲକ୍ଷ୍ୟଥି ଇ କାର୍‌ଖାନା ଥାପ୍‌ନା କରାଯିବା । ଇତାର୍ ଜରିଏ ଦିନ୍‌କ ୨ ଶହ ଟନ୍ ଜୈବିକ୍ କଚ୍‌ରାନୁ ପାଖାପାଖି ୯ ଟନ୍ କମ୍ପ୍ରେସଡ୍ ବାୟୋଗେସ୍ ଉତ୍ପାଦନ୍ କରାଯିବା । ଇ ପ୍ରକଳ୍ପ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଆହ୍ୱାନ୍ 'ବର୍ଜ୍ୟବସ୍ତୁନୁ ସମ୍ପଦ'କେ ସଫଲ୍ ରୂପାୟନ୍ କର୍‌ବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ । ବୈଠକ୍‌ଥି ଅଏଲ୍ ଇଣ୍ଡିଆ ଲିମିଟେଡ୍‌ର ସିଏମ୍‌ଡି, ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ଆଉ ମହାନଗର୍ ନିଗମ୍ କମିଶନର୍ ସାମିଲ୍ ହେଇଥିଲେ ।

ପୁରୀ- କାର୍ତିକ୍ ବ୍ରତ        ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ କାର୍ତିକ୍ ବ୍ରତ ଲାଗି ହବିଷ୍ୟାଳିମାନ୍‌କର୍ ଭିଡ୍ ଜମ୍‌ବାର୍ ସହେତେ ଅଦ୍ଭୁତ୍ ଆଧ୍ୟାତ୍ମିକ ମାହୋଲ୍ ଦେଖ୍‌ବାର୍‌କେ ମିଲିଛେ । ଫି' ଦିନ ସଖାଲୁ ବନ୍ଧ ମାନ୍‌କେ ହବିଷ୍ୟାଳିମାନେ ଗାଧି କରି ତୁଲ୍‌ସୀ ଚଉଁରା ନ ରାଇଦାମୋଦର୍ ପୂଜା କର୍‌ବାର୍ ସହେତେ ମାହାପୁରୁମାନ୍‌କର୍ ଦର୍ଶନ୍ କରୁଛନ୍ । ପୁରାଣ ପାଠ୍ ଭିଲ୍ କରୁଛନ୍ । ଧାର୍ମିକ୍ ପରମ୍ପରା ଅନ୍‌ସାରେ ମହା କାର୍ତିକ ମାସର୍ ସ୍ୱତନ୍ତ୍ରତା ରହିଛେ ।

ଇ ବାବ୍‌ଦେ ଶ୍ରୀ ଜଗନ୍ନାଥ୍ ସଂସ୍କୃତିକ ଗବେଷକ ପଣ୍ଡିତ୍ ସୂର୍ଯ୍ୟନାରାୟଣ୍ ରଥ ଶର୍ମା କହିଛନ୍...
(ଭଏସ୍ ଓଭର୍- ସୂର୍ଯ୍ୟନାରାୟଣ୍ ରଥ ଶର୍ମା)

ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ମାନସିକ ଭାରସାମ୍ୟ ହରାବାର୍ ଥିତିର୍ ମୁକାବିଲା କର୍‌ବାର୍ ଆର୍ ଇତାର୍ ସହେତେ ଥିବାର୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ଦିଗେ ଉଚିତ୍ ପଦକ୍ଷେପ୍ ନେବାର୍‌କେ ଫି' ବଛର୍ ଅକ୍ଟୋବର୍ ୧୦ ତାରିଖ୍ ଦିନ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଲନ୍ କରାଯାଏସି । ୧୯୯୨ ମସିହାନୁ ମୁଲ୍ ହେଇଥିବା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ୍ ପାଲନ୍ ଅବ୍‌ସରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଭିନ୍ ଭିନ୍ ସମସ୍ୟା, ଇତାର୍ ନିରାକରଣ୍ ଆଉ ବିଶ୍ୱ ସମୁଦାୟର୍ ନଜର୍‌କେ ଆନ୍‌ବାର୍ ଲାଗି ସଚେତନତା କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ । ଇ ବଛ୍‌ରର୍ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ୍‌ର ବାର୍ତା ହେଉଛେ 'ଜରୁରୀ ପରିସ୍ଥିତି ସମିଆଥି ମାନସିକ ସ୍ୱାସ୍ଥ୍ୟ' ।

ବିଶ୍ୱ ଅଣ୍ଡା ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଅଣ୍ଡାର୍ ପୌଷ୍ଟିକ ଗୁଣ୍ ଆର୍ ସ୍ୱାସ୍ଥ୍ୟ ଉପ୍‌ରେ ଇତାର୍ ଲାଭ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ ହଉଛେ ବିଶ୍ୱ ଅଣ୍ଡା ଦିବସ୍ । ରାଏଜେ ଅଣ୍ଡା ଉତ୍ପାଦନ୍ ବଢ଼ାବାର୍ ଲାଗି ସର୍‌କାର୍ ବହୁତ୍‌ଟେ ଯୋଜ୍‌ନା ଆନିଛନ୍ । ଇତାର୍‌ବଲେ ରାଏଜେ ଇହାଦେ ଦିନ୍‌କ ୧ କୋଟିନୁ ଅଏତ୍‌କା ଅଣ୍ଡା ଉତ୍ପାଦନ୍ ହଉଛେ । ଅଣ୍ଡା ଖାଏବାର୍ ଆଉ ଇତାର୍ ପୁଷ୍ଟିକର ତତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ରାଜ୍ୟ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିଭାଗ୍ ତର୍‌ଫୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ଦିଶା କମିଟି ବୈଠକ     ସୁବର୍ଣ୍ଣପୁର୍ ସମ୍ବାଦଦାତା

ବଲାଙ୍ଗିର୍ ସାଂସଦ୍ ସଂଗୀତା କୁମାରୀ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ସୁବର୍ଣ୍ଣପୁର୍ ଜିଲ୍ଲାସ୍ତରୀୟ ଦିଶା କମିଟି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ କାମ୍‌ର ଅଗ୍ରଗତି ବାବ୍‌ଦେ ସମୀକ୍ଷା କରାଯାଇଥିଲା । ଖାସ୍ କରି କେନ୍ଦ୍ର ସର୍‌କାର୍‌ଙ୍କର୍ ଫ୍ଲାଗ୍‌ସିପ୍ ଯୋଜ୍‌ନା ମାନ୍‌କର୍ ଅଧୀନ୍‌ଥି ଚାଲିଥିବା ପ୍ରକଳ୍ପ ମାନ୍‌କର୍ ଉପ୍‌ରେ ଆଲୋଚନା କରାଯାଇଥିଲା ।

ଆଥ୍‌ଲେଟିକ୍ ଚମ୍ପିଆନ୍‌ସିପ     I&PR

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏଜ୍‌ଠାନୁ ୪୦ ନମ୍ବର୍ ନେସ୍‌ନାଲ୍ ଜୁନିଅର୍ ଆଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍ ପ୍ରତିଯୋଗିତା ମୁଲ୍ ହେବା । ୧୪ ତାରିଖ୍ ତକ୍ କରାଯାଇଥିବା ପ୍ରତିଯୋଗିତାଥି ସାରା ଦେଶୁ ପାଖାପାଖି ୨ ହଜାର୍ କ୍ରୀଡ଼ାବିତ୍ ଭାଗ୍ ନେବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ରାଏଜେ ବର୍ଷା ଲାଗି ରହିଛେ । ଉତର୍ ବଙ୍ଗୋପ୍‌ସାଗର୍ ଆର୍ ତାର୍ ପାଖର୍ ଇଲାକା ନ ଆଏଜ୍ ଫେର୍‌ଗୁଟେ ଘୂର୍ଣ୍ଣିବଳୟ ହେଇପାରେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସମୁଦ୍ରଖଁଡ଼ି ଇଲାକା ସହେତେ କେତେଟା ଜାଗା ନ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।